# Akashvani, Sambalpur

## SAMBALPURI NEWS BULLETIN

### 16 February 2025- 6.47- 6.52 am.

**********************************************

ମୁଖ୍ୟମନ୍ତ୍ରୀ-ବିଧାନ୍‌ସଭା ଆର୍‌ଏନ୍‌ୟୁ/ ସମ୍ବଲପୁର

ସର୍‌କାର୍‌ଙ୍କର୍ ଦାୟିତ୍ୱ ନେବାର୍ ୨୪ ମିନିଟ୍ ଭିତ୍‌ରେ ଚାଷୀମାନ୍‌କୁ କ୍ୱିଂଟାଲ୍ ପିଛା ଧାନ୍‌ଥି ୮ ଶହ ଟଙ୍କାର୍ ସବ୍‌ସିଡ଼ି ଦିଆଯାଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ବିଧାନ୍‌ସଭା ନ ରାଜ୍ୟପାଲ୍‌ଙ୍କର୍ ଅଭିଭାଷଣ୍ ଉପ୍‌ରେ ଧନ୍ୟବାଦ୍ ପ୍ରସ୍ତାବ୍ ରଖିକରି ମୁଖ୍ୟମନ୍ତ୍ରୀ କହିଛନ୍, ଗଲା ୮ ମାସ୍ ଭିତ୍‌ରେ ୯୮ ଲାଖ୍ ମହିଳାଙ୍କୁ ସୁଭଦ୍ରା ସାହାଜ୍ ଟଙ୍କା ମିଲିଛେ । ରାଏଜେ ଆଇନ୍‌ଶୃଙ୍ଖଲା ପରିସ୍ଥିତି ନିୟନ୍ତ୍ରଣ୍‌ଥି ରହିଛେ ଆଉ ରାଏଜେ ନିଯୁକ୍ତି ସଂଖ୍ୟା ବଢ଼ିଛେ । କୃଷକ୍ ସମୃଦ୍ଧି ଯୋଜ୍‌ନା ଲାଗି ରାଜ୍ୟର୍ ଚାଷୀ ପରିବାର୍ ମାନ୍‌କର୍ ମାସିକ୍ ଆୟ ନିଶ୍ଚିତ୍ ଭାବେ ବଢ଼୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି I&PR

ଭୁବ୍‌ନେଶ୍ୱର୍ ନ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ଆଏବା ୧୭ ଆର୍ ୨୪ ତାରିଖ୍ ଦିନ ବନ୍ଦ୍ ରହେବା । ବିଧାନ୍‌ସଭା ବଜେଟ୍ ଅଧିବେଶନ୍ ଚାଲୁଥିବାର୍‌ନୁ ଇ ଦୁହି ସୋମ୍‌ବାର୍ ଦିନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଇ ବାବ୍‌ଦେ ପରବର୍ତୀ ତାରିଖ୍ ସମ୍ବାଦ୍‌ପତ୍ର ଆର୍ ଭିନ୍ ଭିନ୍ ଗଣମାଧମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତରଫୁ ସୂଚ୍‌ନା ଦିଆଯାଇଛେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୩ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୯ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ

ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ରାଜ୍ୟପାଲ୍- ମାଛ୍ ଚାଷ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ମସ୍ୟ ଉତ୍ପାଦନ୍‌କେ ବଢ଼ାବାର୍ ସହେତେ ମାଛ୍ ଚାଷ୍‌କେ ବର୍‌କସ୍ କର୍‌ବାର୍ ଲାଗି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଜୋର୍ ଦେଇଛନ୍ । ଗଲାକାଏଲ୍ ରାଜ୍‌ଭବନ୍ ନ ରାଜ୍ୟର୍ ମସ୍ୟ କ୍ଷେତ୍ରଥି କାର୍ଯ୍ୟକାରୀ ହେଉଥିବା ଭିନ୍ ଭିନ୍ ଯୋଜ୍‌ନାର୍ ଥିତି ବାବ୍‌ଦେ ରାଜ୍ୟପାଲ୍ ସମୀକ୍ଷା କରିଛନ୍ । ରାଏଜେ ମାଛ୍ ଚାଷ୍‌ର ଆବଶ୍ୟକତାକେ ପୂରା କର୍‌ବାର୍ ଦିଗେ ରାଜ୍ୟପାଲ୍ ପରାମର୍ଶ ଦେଇଥିଲେ । ପ୍ରଧାନ୍‌ମନ୍ତ୍ରୀ ମସ୍ୟ ସମ୍ପଦ୍ ଯୋଜ୍‌ନା ଅଧୀନ୍‌ଥି ପୋଖରୀ ବିକାଶ୍ ଲାଗି ଦିଆଯାଉଥିବା ସବ୍‌ସିଡ଼ି ମାଛ୍ ଚାଷ୍ ଲାଗି କ୍ଷେତ୍ରର୍ ବିକାଶ୍ ହେବାର୍ ଜରୁରୀ ବଲି ରାଜ୍ୟପାଲ୍ କହିଛନ୍ ।

ରାସନ୍‌କାର୍ଡ଼ ଇ-କେୱାଇସି-ଖାଦ୍ୟଯୋଗାଣ ମନ୍ତ୍ରୀ

ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍ ରାସନ୍‌କାର୍ଡ଼ ହିତାଧିକାରୀମାନ୍‌କର୍ ଲାଗି ଇ-କେୱାଇସି ସମିଆକେ ମାର୍ଚ୍ଚ ୩୧ ତାରିଖ୍‌ତକ୍ ବଢ଼ାଯାଇଛେ ବଲି ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ନେଟ୍‌ୱର୍କ ସମସ୍ୟା ଥିବାର୍‌ନୁ କେତେଟା ଜାଗା ନ ଇ-କେୱାଇସି କରାଯାଇ ନାଇଁପାର୍‌ବାର୍ । ସମସ୍ୟାର୍ ସମାଧାନ୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ଟୋଲ୍‌ଫ୍ରି ନିମ୍ବର୍ ୧୯୬୭ ଜାରି କରାଯାଇଛେ ।

ଗୋଦାବରିଶ ମିଶ୍ର ଆଦର୍ଶ ବିଦ୍ୟାଲୟ   ଆର୍‌ଏନ୍‌ୟୁ/ ସମ୍ବଲପୁର

ଫି’ ଗ୍ରାମ୍‌ପଂଚାୟତ୍ ନ ଗୁଟେ ଲେଖା ଗୋଦାବରିଶ ମିଶ୍ର ଆଦର୍ଶ ବିଦ୍ୟାଲୟ ଖୁଲାଯିବା ଆଉ ଇ ବାବ୍‌ଦେ ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ସବୁ ଜିଲ୍ଲାପାଲ୍‌ମାନ୍‌କୁ ଚିଠି କରାଯାଇଛେ । ରାଏଜେ ମୋଟ୍ ୬ ହଜାର୍ ୭ ଶହ ୯୪ ଟା ସ୍କୁଲ୍ ଖୁଲାଯିବାର୍‌କେ ଥିବାର୍ ବେଲେ ଇ ଶିକ୍ଷାବଛରେ ଶହେ ୧୪ ଟା ସ୍କୁଲ୍ ଖୁଲାଯିବାର୍ ଲକ୍ଷ୍ୟ ରଖାଯାଇଛେ । ଗଣଶିକ୍ଷା

ବିଭାଗ୍ ତରଫୁ ଜାରି କରାଯାଇଥିବା ମାନଦଣ୍ଡ ହିସାବେ ଜିଲ୍ଲାପାଲ୍‌ମାନେ ସ୍କୁଲ୍‌ମାନ୍‌କୁ ବାଛ୍‌ବେ ବଲି ଜନାପଡ଼ିଛେ ।

ରାଜ୍ୟସ୍ତରୀୟ ମସ୍ୟ-ପ୍ରାଣୀ ସମାବେଶ I&PR

ଭୁବ୍‌ନେଶ୍ୱର୍ ବର୍‌ମୁଣ୍ଡା ବିଜୁ ପଟ୍ଟନାୟକ୍ ପଡ଼ିଆ ଠାନେ ଚାଲିଥିବା ରାଜ୍ୟସ୍ତରୀୟ ମସ୍ୟ-ପ୍ରାଣୀ ସମାବେଶ୍‌ର ୨ ନମ୍ବର୍ ଦିନେ ଗଲାକାଏଲ୍ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମସ୍ୟଚାଷୀ ଆର୍ ପ୍ରାଣୀପାଲକ୍‌ମାନ୍‌କୁ ଦିଗ୍‌ଦର୍ଶନ୍ ଦେଇଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍, ରାଏଜେ ଦିନ୍‌କ ପାଖାପାଖି ୧ କୋଟି ୧୦ ଲାଖ୍ ଅଣ୍ଡା ଉତ୍ପାଦନ୍ ହେଉଥିବାର୍ ବେଲେ ୨୦୨୯ ତକ୍ ୫ କୋଟି ଅଣ୍ଡା ଉତ୍ପାଦନ୍ ଲାଗି ସର୍‌କାର୍ ଲକ୍ଷ୍ୟ ରଖିଛନ୍ । ଗଲାକାଏଲ୍ ଇ ଅବ୍‌ସରେ ଭିନ୍ ଭିନ୍ ବର୍ଗର୍ ସର୍ବୋତମ୍ ଚାଷୀମାନ୍‌କୁ ସମ୍ମାନିତ୍ କରାଯାଇଥିଲା । ଆଏଜ୍ ଉଦ୍‌ଯାପନୀ ସମାରୋହଥି 'ମନ୍ତ୍ରୀଙ୍କୁ ପଚାରନ୍ତୁ' କାର୍ଯ୍ୟକ୍ରମ୍‌ଥି ମସ୍ୟଚାଷୀ ଆର୍ ପ୍ରାଣୀପାଲକ୍‌ମାନେ ନିଜର୍ ପ୍ରଶ୍ନ ମନ୍ତ୍ରୀଙ୍କର୍ ପାଖେ ରଖିପାର୍‌ବେ ।

ସମ୍ବଲପୁର ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା

ଆର୍‌ଏନ୍‌ୟୁ/ ସମ୍ବଲପୁର

ଇ ବଛର୍ ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା ଆଏବା ୨୧ ତାରିଖ୍‌ନୁ ମୁଲ୍ ହେଇକରି ମାର୍ଚ୍ଚ ୬ ତାରିଖ୍‌ତକ୍ ହେବା । ସମ୍ବଲ୍‌ପୁର୍ ବୁଢ଼ାରଜା ଉଚ୍ଚବିଦ୍ୟାଳୟ ଠାନେ ପରୀକ୍ଷାକେ ଶାନ୍ତିଶୃଙ୍ଖଳାଥି କର୍‌ବାର୍ ଲାଗି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଉପଜିଲ୍ଲାପାଲ୍ ଅଶୋକ୍ କୁମାର୍ ଭୋଇ ସଭାପତିତ୍ୱ କରିଥିବାର୍ ବେଲେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କର୍ ସହେତେ ଜିଲ୍ଲାର୍ ଭିନ୍ ଭିନ୍ ଉଚ୍ଚବିଦ୍ୟାଳୟର୍ ପ୍ରଧାନ୍ ଶିକ୍ଷକ୍‌ମାନେ ଯୋଗ୍ ଦେଇଥିଲେ ।

ସମ୍ବଲ୍‌ପୁର୍ ଜିଲ୍ଲାପାଲ ସମୀକ୍ଷା      ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ଆର୍ ମହାନଗର୍ ନିଗମ୍ କମିଶନର୍ ବେଦ୍‌ଭୂଷଣ୍ ଗଲାକାଏଲ୍ ବୁର୍ଲା ନ ଭିନ୍ ଭିନ୍ ଉନ୍ନୟନ୍‌ମୂଲକ୍ କାମ୍‌ର ସମୀକ୍ଷା କରିଛନ୍ । ବୁର୍ଲା ଅଟଲ୍ ଛକ୍‌ଠାନେ ତିଆର୍ ହେବାର୍‌କେ ଥିବା ଗୁଟେ ଅତ୍ୟାଧୁନିକ୍ ପାର୍କ ଲାଗି ଜାଗା ବୁଲି ଦେଖିବାର୍ ସହେତେ ବିଭାଗୀୟ

ଅଧିକାରୀମାନ୍‌କୁ ଇତାର୍ ଲାଗି ଗୁଟେ ଅଟକଲ୍ ବନାବାର୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ । ବୁର୍ଲାର୍ ପ୍ଲାନେଟୋରିୟମ୍‌ର ମରାମତି କାମ୍ ଭିଲ୍ ଖୋବ୍ ଜଲ୍‌ଦି କରାଯିବା ବଲି ଜିଲ୍ଲାପାଲ୍ ସୂଚ୍‌ନା ଦେଇଛନ୍ ।

ଧନୁଯାତ୍ରାର୍ ସ୍ଥାୟୀ ରାଜ୍‌ମହଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବର୍‌ଗଡ୍ ଧନୁଯାତ୍ରାର୍ ସ୍ଥାୟୀ ରାଜ୍‌ମହଲ୍ ବନାବାର୍ ଲାଗି ରାଜ୍ୟ ପର୍ଯ୍ୟଟନ୍ ବିଭାଗ୍ ପାଖାପାଖି ୧୩ କୋଟି ଟଙ୍କା ମଞ୍ଜୁର୍ କରିଛେ । ବର୍‌ଗଡ୍ ନିଶାମଣି ପଡ଼ିଆ ନ ଇ ସ୍ଥାୟୀ ରାଜ୍‌ମହଲ୍ ତିଆର୍ ହେବା ବଲି ଜନାପଡ଼ିଛେ ।
ଇନ ଜନେଇ ଦିଆଯାଇପାରେ ଯେ, ଧନୁଯାତ୍ରା ସମିଆଥି ରାଜଅତିଥି ଭାବେ ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ବାବ୍‌ଦେ ଘୋଷ୍‌ନା କରିଥିଲେ ।

ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଆର୍‌ଏନ୍‌ୟୁ/ସମ୍ବଲପୁର

ଭୁବନେଶ୍ୱର୍ କଳିଙ୍ଗ ହକି ଷ୍ଟାଡ଼ିୟମ୍ ଠାନେ ଗଲାକାଏଲ୍‌ନୁ ମୁଲ୍ ହେଇଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଥି ଭାରତୀୟ ମହିଳା ଦଲ୍

ଇଂଲଣ୍ଡକେ ୩-୨ ଗୋଲ୍‌ରୁ ହରେଇଛେ । ସେନ୍ତା ସ୍ପେନ୍ ମହିଳା ଦଲ୍  ୨-୧ ଗୋଲ୍‌ରୁ ଜର୍ମାନୀକେ ହରେଇରୁଲା । ସେଆଡ଼େ ପୁରୁଷ ବର୍ଗରୁ ସ୍ପେନ୍ -ଭାରତକେ ୩-୧ ଗୋଲ୍‌ରୁ ହରେଇଛେ ।